# ଜିଲ୍ଲା ପରିଷଦର ୫୧ତମ ସାଧାରଣ ବୈଠକ ।

## ଶିକ୍ଷା,ସ୍ୱାସ୍ଥ୍ୟ ସେବା,ପାନୀୟ ଜଳ ଯୋଗାଣ ଓ କୃଷିଭିତ୍ତିକ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ।

ଅନୁଗୋଳ ଜିଲ୍ଲା ପରିଷଦର ୫୧ତମ ସାଧାରଣ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସରକାରୀ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ସହିତ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଅଧ୍ୟକ୍ଷା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ ,ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ,ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା,ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଲ, ଅନୁଗୋଳ ବିଧାୟକ ତଥା ବିଧାନସଭାର ଉପ-ବାଚସ୍ପତିଙ୍କ ପ୍ରତିନିଧି ଶ୍ରୀ ବାଉରୀବନ୍ଧୁ ସାହୁ ଓ ଜିଲ୍ଲା ପରିଷଦ ଉପାଧକ୍ଷ୍ୟ ଶ୍ରୀ ଇନ୍ଦ୍ରମଣୀ ଗଡନାୟକ ପ୍ରମୁଖ ଯୋଗ ଦେଇଥିଲେ । କରୋନା ମହାମାରୀ ଯୋଗୁଁ ନିର୍ବାଚିତ ପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ମଧ୍ୟରେ ସଠିକ୍ ଭାବରେ ସମନ୍ୱୟ ହୋଇପାରିନାହିଁ ଏଣୁ ଆଗାମୀ ଜାନୁୟାରୀ ମାସ ଶେଷ ସୁଦ୍ଧା ଜିଲ୍ଲା ପରିଷଦର ସମସ୍ତ ଷ୍ଟାଣ୍ଡିଂ କମିଟିର ବୈଠକ ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲିପ କୁମାର ସାହୁ କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସରକାରଂକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନ ମୂଳକ ଯୋଜନାକୁ ସାଧୁତା ଓ ସ୍ୱଚ୍ଛତାର ସହିତ କାର୍ଯ୍ୟକାରା କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦର ସଦସ୍ୟମାନେ ଧାନ ସଂଗ୍ରହ,ଘରପୋଡି,(ଡି ପି ସି)ନିର୍ବାଚନ, ଫିଜିବିଲିଟି ରିପୋର୍ଟ,ବିଜୁ ପକ୍କାଘର ଯୋଜନାର ଅନିୟମିତତା,ଅଯୋଗ୍ୟ ହିତାଧିକାରୀ ସମ୍ପର୍କୀତ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଚଳିତ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୪୫,୫୯,୩୫୪ ଶ୍ରମ ଅଟକଳ ଲକ୍ଷ ଧାର୍ଯ୍ୟ ସରାକାରଂକ ଠାରୁ ମିଳିଅଛି । ୧୯ ଡିସେମ୍ବର ୨୦୨୦ ସୁଦ୍ଧା ରାଜ୍ୟ କର୍ମନିଯୁକ୍ତି ନିଶ୍ଚିତ ପାଣ୍ଠିରୁ ୩୦୧୪.୩୯ ଲକ୍ଷ ଟଂକା ଖର୍ଚ୍ଚ କରାଯାଇ ୩୩୬୪୭୦୭ ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି, ଯାହା ଲକ୍ଷ୍ୟ ଧାର୍ଯ୍ୟ ଶ୍ରମ ଅଟକଳର ୭୩.୮୦ ପ୍ରତିଶତ ଅଟେ । ୨୦୧୯-୨୦ ଆର୍ଥୀକ ବର୍ଷରେ କାମ ପାଇଁ ଆବେଦନ କରିଥିବା

ସମସ୍ତ ୯୨ ହଜାର ୪୦୭ଟି ପରିବାରକୁ ଏହି ଯୋଜନାରେ କାମ ଯୋଗାଇ ଦିଆଯାଇ ତନ୍ମଧ୍ୟରୁ ୨୭୧୬ଟି ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଯୋଜନାରେ ୨୦୧୬-୧୭ ରୁ ୨୦୧୯-୨୦ ର ଅସମ୍ପୂର୍ଣ୍ଣ ଗୃହ ସଂଖ୍ୟା ଏବଂ ୨୦୨୦-୨୧ ଆର୍ଥିକ ବର୍ଷର ମୋଟ ୧୭,୪୦୯ ଟି ଗୃହନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତାହା ମଧ୍ୟରୁ ମୋଟ ୫୯୭୬ଟି ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ଏହା ଶତକଡା ୩୪.୩୩ ପ୍ରତିଶତ ଅଟେ । ପବିତ୍ର ବଡଦିନ ଅବସରରେ ରାଜ୍ୟ ସରକାରଙ୍କ ଠାରୁ ୧୪୬୪ଟି ଘରର ଗୃହ ପ୍ରବେଶ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବର୍ତ୍ତମାନ ରାଜ୍ୟ ସ୍ତରରେ ଆମ ଜିଲ୍ଲା ଚତୁର୍ଥ ସ୍ଥାନ ଅଧିକାର କରିଅଛି । ଚଳିତ ଆର୍ଥିକ ବର୍ଷରେ ଅନୁଗୋଳ ଜିଲ୍ଲାକୁ ୧୦ ହଜାର ୩୬୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଂକ ସହିତ ସଂଯୋଗୀକରଣ କରାଯିବା ନିମନ୍ତେ ଲକ୍ଷ୍ୟ ପ୍ରାପ୍ତ ହୋଇଅଛି ଏବଂ ସେମାନଙ୍କୁ ୧୧୪୮୭.୯୭ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯିବ । ୫୮୬୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୮୧୭.୨୬ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ୩୪୬୬ଜଣ ହିତାଧିକାରୀଙ୍କୁ ଦିଆଯାଉଥିବା କୋଭିଡ ସହାୟତା ରାଶି ଯୋଗାଇ ଦିଆଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୬୦୬ ଜଣ ହିତାଧିକାରୀଙ୍କୁ ୧୦.୬୬ କୋଟି ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଛି । ଏ କ୍ଷେତ୍ରରେ ରାଜ୍ୟରେ ଆମ ଜିଲ୍ଲା ୨ୟ ସ୍ଥାନ ରହିଛି । ଚଳିତ ବର୍ଷ ୫୯୫ ଜଣ ବି ପି ଏଲ୍ ହିତାଧିକାରୀଙ୍କୁ ତାଲିମ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଅଛି । ସେଥିମଧ୍ୟରୁ ୧୩୨ ଜଣଙ୍କୁ ଇତି ମଧ୍ୟରେ ତାଲିମ ପ୍ରଦାନ କରାଯାଇଛି । ଜିଲ୍ଲାରେ ୧୭୦ ଗୋଟି ବିଦ୍ୟାଳୟ ମିଶ୍ରଣ ପାଇଁ ଅନୁମୋଦନ ହୋଇ ପ୍ରକ୍ରିୟା କାର୍ଯ୍ୟ ଚାଲୁରହିଛି । ମହାମାରୀ କରୋନାର ସଠିକ୍ ମୁକାବିଲା ନିମନ୍ତେ ଜିଲ୍ଲାରେ ଚଳିତ ବର୍ଷ ମାର୍ଚ୍ଚ ୨୧ ତାରିଖ ଠାରୁ କୋଭିଡ ପରିକ୍ଷା ଚାଲୁ ରହିଛି । ଗତକାଲି ସୁଦ୍ଧା ୧ ଲକ୍ଷ ୫୪ ହଜାର ୪୭୫ ଜଣଙ୍କର ସ୍ୱାବ ସଂଗ୍ରହ କରାଯାଇ ଆର ଟି ପି ସି ଆର ପରିକ୍ଷା କରାଯାଇଛି । ସେଥିରୁ ୧୧ ହଜାର ୮୭୭ ଜଣଙ୍କୁ କୋଭିଡ ପଜିଟିଭ ଚିହ୍ନଟ କରାଯାଇଛି । ଜିଲ୍ଲାରେ ୩୭ ଜଣ କୋଭିଡରେ ମୃତ୍ୟୁବରଣ କରିଛନ୍ତି । ଏହି ବୈଠକରେ ଜିଲ୍ଲାରେ ଡାକ୍ତର ଅଭାବ ସମ୍ପର୍କରେ ଆଲୋଚନା ହୋଇଥିଲା । ଉପାନ୍ତ ଅଂଚଳରେ ଥିବା ଡାକ୍ତରଖାନା ଗୁଡିକରେ ଡାକ୍ତରମାନେ ନିୟମିତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉପରେ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ୧୫୪ଟି ଡାକ୍ତର ପଦବୀ ମଧ୍ୟରୁ ୮୮ଟି ପଦବୀ ଖାଲିଅଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ପ୍ରଦାନ

କରିଥିଲେ । ଏହାଛଡା ସ୍ୱାସ୍ଥ୍ୟ ବିଭାଗରେ ଚୁକ୍ତିଭିତ୍ତିକ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନିୟମିତ ଦରମା ପ୍ରଦାନ ଉପରେ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ । ବୈଠକରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ୧୦୦ ଦିନ ମଧ୍ୟରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ସହ ପ୍ରତ୍ୟେକ ବିଦ୍ୟାଳୟରେ ୫ଷ୍ଟାର ଶୌଚାଳୟ ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବୈଠକରେ କୃଷି ଓ ଏହାର ଆନୁସଙ୍ଗୀକ ବିଭାଗ ଦ୍ୱାରା ରିହାତି ଦରରେ ଯୋଗାଇ ଦିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଉପକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଚଳିତ ଆର୍ଥୀକ ବର୍ଷ ପାଇଁ ୯୬ ହଜାର ୬୯୫ ହେକ୍ଟର ଜମିରେ ରବି ଫସଲ ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୭୧ହଜାର ୯୪୯ ହେକ୍ଟର ଜମିରେ ଏହି ଫସଲ ହୋଇଅଛି । ଜିଲ୍ଲାରେ ୮ଟି ଫସଲ ଯଥା ଧାନ, ମୁଗ, ବିରି, ଚିନାବାଦାମ, ବୁଟ, ସୋରିଷ, ସୂର୍ଯ୍ୟମୁଖୀ ଓ ଆଳୁ ଫସଲକୁ ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ସେହିପରି ୨୦୨୦ ବର୍ଷ ପାଇଁ ୨ ଲକ୍ଷ ୧୦ ହଜାର ୭୫୬ ହେକ୍ଟର ଜମିରେ ଖରିଫ ଫସଲର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୨ ଲକ୍ଷ ୧୦ ହଜାର ୭୭୫ ଲକ୍ଷ୍ୟ ହାସଲ ହୋଇଛି । ୬୮ ହଜାର ୪୫୮ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଏହି ଲକ୍ଷ୍ୟ ହାସଲ ହୋଇଅଛି । ସେହିପରି ୧୪ ହଜାର ୨୦୦ ମେଟ୍ରିକ୍ ଟନ୍ ସାର ଯୋଗାଇ ଦେବାର ଲକ୍ଷ୍ୟ ଥିବା ବେଳେ ୧୩ , ୯୨୩.୮୭ ମେଟ୍ରିକ୍ ଟନ ସାର ଯୋଗାଇ ଦିଆଯାଇଅଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା,ଜିଲ୍ଲା ପରିଷଦର ସଦସ୍ୟ/ସଦସ୍ୟା ତଥା ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


୫୧ ତମ ଜିଲ୍ଲା ପରିଷଦ ସାଧାରଣ ବୈଠକ
ସ୍ଥାନ - ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଅନୁଗୋଳ
ତାରିଖ - ୨୩ ଡ଼ିସେମ୍ବର ୨୦୨୦